THE WORLD BANK

IRRI

Access Livelihoods

# କୃଷକ ଉତ୍ପାଦକ ସଙ୍ଗଠନ
# ଏକ ସୁଯୋଗ











# କୃଷକ ଉତ୍ପାଦକ ସଙ୍ଗଠନ କଣ ଓ କାହିଁକି ?

- ଆମ ଦେଶର ମୋଟ ଜନସଂଖ୍ୟାର ଶତଡା ପ୍ରାୟ ୫୬ ଭାଗ ଏବଂ ଆମ ରାଜ୍ୟର ଶତକଡା ୭୦ ଭାଗ ଲୋକ ଏବେ କୃଷି ଉପରେ ନିର୍ଭର କରୁଛନ୍ତି । ଏମାନଙ୍କର ଭିତରୁ ବେଶୀ ଭାଗ ଛୋଟ ଓ ନାମମାତ୍ର ଚାଷୀ ।

- ସ୍ୱଳ୍ପ ପରିମାଣର ଜମି ମାଲିକାନା ସାଙ୍ଗକୁ ଚାଷୀମାନେ ସଂଗଠିତ ନଥିବା କାରଣରୁ ଆଧୁନିକ କୃଷି ପ୍ରଣାଳୀର ସୁବିଧା ନେଇ ପାରନ୍ତି ନାହିଁ ଏବଂ ବଜାରରେ ମୂଲଚାଲ କରି ନପାରି ଅଧିକାଂଶ ସମୟରେ ଅସାଧୁ ବ୍ୟବସାୟୀମାନଙ୍କ ଦ୍ୱାରା ଶୋଷିତ ହେଇଆସିଛନ୍ତି ।

- ଚାଷୀମାନଙ୍କ ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ନିମନ୍ତେ କୃଷକମାନେ ମଧ୍ଯ କମ୍ପାନୀ ଆଇନ ଅନୁଯାୟୀ ନିଜ ନିଜ ର ବ୍ୟବସାୟୀ ସଂଗଠନ ଗଠନ କରି ସରକାର ବିଭିନ୍ନ ଯୋଜନାରେ ଉପକୃତ ହେଇପାରିବେ ବୋଲି କେନ୍ଦ୍ର ସରକାର 2013 ବର୍ଷରେ କୃଷକ ଉତ୍ପାଦକ ସଙ୍ଗଠନ ଆଇନ ନାମରେ ଏକ ବ୍ୟବସ୍ଥା କରିଛନ୍ତି ।

- କୃଷକ ମାନଙ୍କ ସାମଗ୍ରିକ ବିକାଶ ଦିଗରେ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବା କାରଣରୁ କେନ୍ଦ୍ର ସରକାର 2014 ବର୍ଷ ସୁଦ୍ଧା ଆମ ଦେଶରେ ନୂତନ ୧୦,୦୦୦ କୃଷକ ଉତ୍ପାଦନ ସଙ୍ଗଠନ ଗଠନ ନିମନ୍ତେ ନାବାର୍ଡ, ଏସ.ଏଫ.ଏ .ସି , ଏନ.ସି.ଡ଼ି.ସି ଏବଂ ନାଫେଡ ସଂସ୍ଥାକୁ ଦାୟିତ୍ୱ ଦେଇ ଏଥି ନିମନ୍ତେ ଆର୍ଥିକ ବ୍ୟବସ୍ଥା କରି ଅଛନ୍ତି ।



- ଚାଷୀମାନେ କୃଷକ ଉତ୍ପାଦକ ସଙ୍ଗଠନ ଜରିଆରେ ସଂଗଠିତ ହାଇ କୃଷି କାର୍ଯ୍ୟକୁ ଏକ ବ୍ୟବସାୟ ଭାବେ ନେଇ ଲାଭଜନକ କୃଷି ପ୍ରଣାଳୀ ଅବଲମ୍ବନ କରିବେ ଏବଂ ନିଜ ନିଜ ଉତ୍ପାଦିକା ସାମଗ୍ରୀକୁ ସଙ୍ଗଠନ ଜରିଆରେ ବିକ୍ରୟ କରି ଲାଭବାନ ହାଇପାରିବେ- ସେଥିପାଇଁ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

- କୃଷକ ଉତ୍ପାଦକ ସଙ୍ଗଠନ ମାନେ ରାଜ୍ୟ ସରକାରଙ୍କ ସମବାୟ ଆଇନରେ କିମ୍ବା କେନ୍ଦ୍ର ସରକାରଙ୍କ କମ୍ପାନୀ ଆଇନ (2013) ଅନୁଯାୟୀ ପଂଜିକୃତ ହୋଇଥାନ୍ତି ।

## କୃଷକ ଉତ୍ପାଦକ ସଙ୍ଗଠନର ତିନୋଟି ମୁଖ୍ୟ କାର୍ଯ୍ୟ :-

୧ ସଦସ୍ୟ ବା ଅଂଶ ଧାରୀ ମାନଙ୍କୁ ଉପଯୁକ୍ତ ଗୁଣ ମାନର ବିହନ, କୃଷି ଯନ୍ତ୍ରପା ତି ଏବଂ ଚାଷବାସ ନିମନ୍ତେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଦ୍ରବ୍ୟ (ଇନ୍ପୁଟ) ଉଚିତ ମୂଲ୍ୟରେ, ଯଥା ସମୟରେ ଏବଂ ଘର ପାଖରେ ଉପଲବ୍ଧ କରାଇବା । ଏହା ସହିତ ଚାଷୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସ୍କିମ ଓ ଯୋଜନା ସହିତ ସଦସ୍ୟମାନଙ୍କୁ ଯୋଡ଼ିବାରେ ସାହାଯ୍ୟ କରିବା । କୃଷକ ଉତ୍ପାଦକ ସଙ୍ଗଠନ ତରଫରୁ ସଦସ୍ୟମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପା ତି ମଧ୍ଯ ସୁବିଧାରେ ଭଡ଼ାରେ ଦିଆଯାଇଥାଏ ।

୨ ସଦସ୍ୟମାନଙ୍କୁ ପାରମ୍ପରିକ ତଥା ଜୈବିକ କୃଷି ପଦ୍ଧତି ସଂପର୍କରେ ଉପଯୁକ୍ତ ବୈଷୟିକ ପରାମର୍ଶ ଓ ସହାୟତା ଦେବା ଯଥା - ମୃତ୍ତିକା ପରୀକ୍ଷା କରାଇବା, କେଉଁ ଜମିରେ କେଉଁ ଫସଲ ପାଇଁ କେଉଁ ସାର କେତେ ମାତ୍ରାରେ ଦେବାକୁ ହେବ, କେଉଁ ରୋଗପୋକ ପାଇଁ କି ପ୍ରକାର ବ୍ୟବସ୍ଥା କରିବାକୁ ହେବ, ଏ ସବୁର ସଠିକ ପରାମର୍ଶ ଦେଇ ଅଧିକ ଉତ୍ପାଦନରେ ସାହାଯ୍ୟ କରାଯାଇଥାଇଏ ଏବଂ ଅଯଥା ଖର୍ଚ୍ଚାନ୍ତ ହେବାକୁ ଏବଂ ଫସଲର କ୍ଷତି ହେବାରୁ ରକ୍ଷା କରଯାଇଥାଏ ।

୩ ସଦସ୍ୟମାନଙ୍କର ଉତ୍ପାଦିତ ସାମଗ୍ରିର ଏକତ୍ରୀକରଣ କରି ଓ ମୂଲ୍ୟଯୁକ୍ତ କରି ବୃହତ ବଜାରରେ ସର୍ବାଧିକ ମୂଲ୍ୟରେ ବିକ୍ରି କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥାଏ ।

# କୃଷକ ଉତ୍ପାଦକ ସଙ୍ଗଠନ ରେ କେଉଁ ମାନେ ସଦସ୍ୟ ହାଇ ପାରିବେ ?

ଯେ କୌଣସି ଚାଷୀ, କାରିଗର, ମାଛଚାଷୀ, କୁଟିର ଉଦ୍ୟୋଗୀ, ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହକାରୀ, ପଶୁପକ୍ଷୀ ପାଳକ ଏବଂ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ନିୟୋଜିତ ଯେ କୌଣସି ପ୍ରାଥମିକ ଉତ୍ପାଦନକାରୀ କୃଷକ ଉତ୍ପାଦକ ସଙ୍ଗଠନ ରେ ସଦସ୍ୟ ହୋଇପାରିବେ ।

# କୃଷକ୍ ଉତ୍ପାଦକ ସଙ୍ଗଠନର ବ୍ୟବସାୟ ପରିଚାଳନା ନିମନ୍ତେ ପୁଂଜି କେଉଁଠାରୁ ଆସିବ ?

- ସଦସ୍ୟ କୃଷକ ବା ଅନ୍ୟାନ୍ୟ ଉତ୍ପାଦନକାରୀ ମାନଙ୍କ ବିଭିନ୍ନ ଉତ୍ପାଦ ହିଁ ସଙ୍ଗଠନ ର ପ୍ରଥମ ଓ ସର୍ବବୃହତ ସମ୍ବଳ । ଏ ସବୁକୁ ଏକାଠି କରି ବଛାବାଛି କରିବା ଓ ସଫା କରିବା ଫଳରେ ଗୁଣମାନରେ ଉନ୍ନତି ଆସିଥାଏ ଏବଂ ଅଧିକ ମୂଲ୍ୟ ପାଇବା ନିମନ୍ତେ ବ୍ୟବସାୟି ମାନଙ୍କ ସହିତ ମୂଲଚାଲ କରିବା ସହଜ ହୋଇଥାଏ ।

- ଯଦି କୌଣସି ଉତ୍ପାଦକୁ ଅଧିକ ଦିନ ସାଇତି ରଖିବାକୁ ହୁଏ ତେବେ ସେଥିପାଇଁ ସଙ୍ଗଠନ ତରଫରୁ ଗୋଦାମ ବ୍ୟବସ୍ଥା କରି ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କ କିମ୍ବା ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କ ଠାରୁ ଋଣ ନିଆଯାଇଥାଏ । ସଙ୍ଗଠନ ର ସଦସ୍ୟମାନଙ୍କ ଦ୍ୱାରା ଜମା କରାଯାଉଥିବା ଅଂଶଧନ ଓ ନିଜସ୍ୱ ପୁଂଜି ତଥା ସଙ୍ଗଠନ ର କାରବାରକୁ ଦେଖି ବ୍ୟାଙ୍କମାନେ ଆବଶ୍ୟକତା ଅନୁଯାୟୀ ସ୍ୱଳ୍ପ ସୁଧରେ ଋଣ ଦେଇଥାଆନ୍ତି ।

- ଏବେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କ ନିମନ୍ତେ ବିଭିନ୍ନ ଯୋଜନାରେ ଆର୍ଥିକ ଅନୁଦାନ ବ୍ୟବସ୍ଥା କରାଯାଉଅଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମୀ ପାଣ୍ଠିକୁ କୃଷକ ଉତ୍ପାଦକ ସଙ୍ଗଠନ ମାନକୁ ସ୍ୱଳ୍ପ ସୁଧରେ ବିଭିନ୍ନ ଋଣ ମିଳିପାରୁଛି ।

- କୃଷକ ଉତ୍ପାଦକ ସଙ୍ଗଠନ ଜରିଆରେ ସଦସ୍ୟମାନଙ୍କୁ ସହଜ ଓ ସୁବିଧାରେ ଆନୁଷ୍ଠାନିକ କୃଷି ଋଣ ମିଳି ପାରିଥାଏ ତଥା ଫସଲ ବୀମାର ସୁବିଧା ନେବା ସହଜ ହୋଇଥାଏ ।

# ସଦସ୍ୟମାନଙ୍କ ଅଂଶଧନ କେତେ ସୁରକ୍ଷିତ ରହିଥାଏ ?

- କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସଂଗଠନ ଯେଉଁଠି ପ୍ରତ୍ୟେକ ଅଂଶୀଦାରୀଙ୍କୁ ସମାନ ଭୋଟ ରହିଥାଏ ଏବଂ ସେମାନଙ୍କ ଦ୍ୱାରା ନିର୍ବାଚିତ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଏହାର ପରିଚାଳନା ହୋଇଥାଏ ।

- କୃଷକ ଉତ୍ପାଦକ ସଙ୍ଗଠନ ଭାରତ ସରକାରଙ୍କ କମ୍ପାନୀ ଆଇନ ଅନୁଯାୟୀ ଅନୁବନ୍ଧିତ ହେଉଥିବା କାରଣରୁ ସରକାରଙ୍କ ବିଭିନ୍ନ ନିୟମ ଅନୁଯାୟୀ କମ୍ପାନୀର ଆର୍ଥିକ ପରିଚାଳନା ହୋଇଥାଏ । ତେଣୁ ସଦସ୍ୟମାନେ ଜମା ରଖୁଥିବା ଅଂଶଧନର ସୁରକ୍ଷା ତଥା ସୁପରିଚାଳନା ନିମନ୍ତେ ସରକାରଙ୍କ କମ୍ପାନୀ କାରବାର ମନ୍ତ୍ରାଳୟଙ୍କର ସଂପୂର୍ଣ୍ଣ ଦାୟୀତ୍ୱ ରହିଥାଏ ।

# ଅଂଶଧନ କୃଷି ନିମନ୍ତେ ସରକାରଙ୍କ ସହାୟତା :

କୃଷକ ଉତ୍ପାଦକ ସଙ୍ଗଠନ  ରେ ଯେଉଁମାନେ ସଦସ୍ୟ ହୁଅନ୍ତି ସେମାନେ ଛୋଟ ଓ ନାମମାତ୍ର ଚାଷୀ ହୋଇଥିଲେ ସେମାନଙ୍କ ଦ୍ଵାରା ଜମା କରାଯାଇଥିବା ଅଂଶଧନ ଉପରେ ସରକାର ମଧ ତାଙ୍କ ନାମରେ ସମାନ ପରିମାଣରେ ଅଂଶଧନ (ସର୍ବାଧିକ ପନ୍ଦର ଶହ ଟଙ୍କା) ଦେଇଥାଆନ୍ତି । ଅନ୍ୟ ଅର୍ଥରେ ଜଣେ ଅଂଶୀଦାର ପନ୍ଦର ଶହ ଟଙ୍କା ଅଂଶଧନ ଜମା କରିଥିଲେ  ତାଙ୍କ ନାମରେ ସରକାର ମଧ ପନ୍ଦର ଶହ ଟଙ୍କା ଅଂଶଧନ ନିମନ୍ତେ ଜମା ଦେଇଥାନ୍ତି। ସମୁଦାୟ ପନ୍ଦର ଲକ୍ଷ୍ୟ ଟଙ୍କା ପର୍ଯ୍ୟନ୍ତ ସମାନ ଅଂଶଧନ ର ବ୍ୟବସ୍ଥା ଅଛି ।

ଏହି ଅଂଶଧନ ଅର୍ଥକୁ  ବ୍ୟାଙ୍କରେ ଏକ ସ୍ଥାୟୀ ଜମା ଆକାରରେ ରଖି ତାହାରି ବଳରେ ଏକ କେଶ କ୍ରେଡିଟ ଏକାଉଣ୍ଟ ଖୋଲି ସଙ୍ଗଠନ   ନିମନ୍ତେ ବ୍ୟବସାୟ କାରବାର କରିବା ସହଜ ହୋଇଥାଏ ।

## କୃଷକ ଉତ୍ପାଦକ ସଙ୍ଗଠନକୁ ଆୟକରରେ ରିହାତି :

- କୃଷକ ଉତ୍ପାଦକ ସଙ୍ଗଠନ  ମାନଙ୍କୁ ବାର୍ଷିକ ଶହେକୋଟି ଟଙ୍କାର କାରବାର ଯାଏଁ ସରକାର ଆୟକରରେ ରିହାତି ଦେଇ ଥାଆନ୍ତି ।  ଏହା ଫଳରେ ସଂପୃକ୍ତି ଅଂଶୀଦାର ବା ସଦସ୍ୟମାନଙ୍କୁ ବିଶେଷ ଲାଭ ମିଳିପାରିଥାଏ ।

- ଏବେ କେନ୍ଦ୍ର ସରକାରଙ୍କ କୃଷି ସଂସ୍କାର ନୀତି ଯୋଗୁଁ ଚାଷୀମାନେ ନିଜ ନିଜ ଉତ୍ପାଦନ ଦେଶର ଯେ କୌଣସି ସ୍ଥାନରେ ବିକ୍ରୟ କରି ପାରୁଛନ୍ତି । ଏଥିପାଇଁ  କୃଷକ ଉତ୍ପାଦକ ସଙ୍ଗଠନ   ଜରିଆରେ ବିକ୍ରି କରିବାକୁ ଅଧିକ ସୁବିଧା ହୋଇଥାଏ ।

## କୃଷକଙ୍କ ଆୟକୁ ଦ୍ଵିଗୁଣିତ କରିବା ନିମନ୍ତେ ଆନ୍ଦୋଳନ :

ଏକଥା ସମସ୍ତେ ସ୍ଵୀକାର କରୁଛନ୍ତି  ଯେ ଶିଳ୍ପପତିମାନେ ଯେପରି ବଜାରେ ଚାହିଦାକୁ  ଦେଖି ବିଭିନ୍ନ ସାମଗ୍ରି ଉତ୍ପାଦନ କରନ୍ତି ଏବଂ ସାମଗ୍ରିର ମୂଲ୍ୟ ନିଜେ ନିର୍ଦ୍ଧାରଣ କରନ୍ତି ଚାଷୀମାନଙ୍କୁ ମଧ ସେହି ରାସ୍ତାରେ ଗଲେ ଯାଇ ଚାଷୀମାନଙ୍କର ଆୟ ବୃଦ୍ଧି ହୋଇପାରିବ ।  ଏ ଦିଗରେ ସମସ୍ତେ ନିଜ ନିଜ ଅଞ୍ଚଳରେ କୃଷକ ଉତ୍ପାଦକ ସଙ୍ଗଠନ   ଗଠନ କରି ତହିଁରେ ସକ୍ରିୟ ରହିଲେ ନିଜର ତଥା ସଂକୃତ ଚାଷୀମାନଙ୍କର ସାମଗ୍ରିକୁ ଉନ୍ନତି ହୋଇପାରିବ ।

ଆସନ୍ତୁ ଆପଣମାନେ ସମସ୍ତେ ନିଜ ନିଜ ଅଞ୍ଚଳରେ କୃଷକ ସଙ୍ଗଠନ ଗଠନ କରି କିମ୍ବା ପୂର୍ବରୁ ଥିବା କୃଷକ ଉତ୍ପାଦକ ସଙ୍ଗଠନ  ରେ ଯୋଡି ହୋଇ ଏହା ଜରିଆରେ ଆମ ଦେଶରେ ଆରମ୍ଭ ହୋଇଥିବା ଏହି କୃଷକ ଆନ୍ଦୋଳନକୁ ସଫଳ କରିବା  ।

ଅଧିକ ସୂଚନା  ନିମନ୍ତେ  ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ :

ପ୍ରୋଜେକ୍ଟ ଅଫିସ୍: - ପ୍ରଥମ ମହଲା, ନିକଟ ସି.ଏଚ୍.ସି କ୍ୟାଣ୍ଟିନ୍, ଲୋଇସିଂହା ରେଳ ଷ୍ଟେସନ ରୋଡ୍,
ପୋ- ଲୋଇସିଂହା, 767020, ବଲାଙ୍ଗିର, ଓଡିଶା

ଫୋ- 79787 45697, 70087 80484

